## ସଂକ୍ଷେପରେ

### ୪ ଅଭିଯୁକ୍ତ ଗିରଫ

**ବଉଣ୍ଡା,୨୯।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିନେବା ମାମଲାରେ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ମଙ୍ଗଳବାର ହଣ୍ଡପା ଓ ବଉଣ୍ଡା ଫାଣ୍ଡି ପୋଲିସ ଗିରଫ କରିଛି। ସେମାନେ ହେଲେ ହଣ୍ଡପା ଥାନା ସରିଗିପାଲି ଗ୍ରାମର ଅମର ନାୟକ, ଜୀବନ ସାହୁ, ନରେଶ ନାୟକ, ପ୍ରଦୀପ ପ୍ରଧାନ। ସେମାନଙ୍କ ଠାରୁ ଭୁଜାଲି, ଛୁରି ଜବତ କରାଯାଇଛି। ତେବେ ଅପହରଣରେ ବ୍ୟବହୃତ କାର୍‌କୁ ପୋଲିସ ଜବତ କରିପାରି ନାହିଁ। ନମ୍ବର ୧୫୪/୨୧ ମାମଲାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ କିଶୋରନଗର ଥାନା ବୈରାଗୀପାଲି ଗ୍ରାମର ମଦନ ପ୍ରଧାନଙ୍କୁ ଗିରଫ କରାଯାଇଥିଲା।

### ଢେଙ୍କାନାଳରେ ୬୭ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୨୯।୬:** ଢେଙ୍କାନାଳ ଜିଲାରେ କରୋନାଜନିତ ମୃତ୍ୟୁସଂଖ୍ୟା ୬୧ରେ ପହଞ୍ଚିଛି। ମଙ୍ଗଳବାର କୋଭିଡ୍ ସଂକ୍ରମଣର ଶିକାର ହୋଇଥିବା ଜଣେ ୫୬ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଦିନକରେ ୬୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୩୫ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୧୯, ସଦର ବ୍ଲକର ୧୭, କଙ୍କଡ଼ାହାଡ଼ ବ୍ଲକର ୫, ଗଁଦିଆ ବ୍ଲକର ୫, କାମାକ୍ଷାନଗର ବ୍ଲକର ୨ ଓ ଏନ୍‌ଏସିର ୫, ପରଜଙ୍ଗ ବ୍ଲକର ୪, ଓଡ଼ାପଡ଼ା ବ୍ଲକର ୩, ହିନ୍ଦୋଳ ବ୍ଲକର ୩, ଭୁବନ ବ୍ଲକର ୧ ଏବଂ ବିଭିନ୍ନ ଚିକିତ୍ସାଳୟରୁ ଅନ୍ୟ ୩ଜଣ ରହିଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୭୩୭ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ସଂକ୍ରମଣ ବଢୁଥିବାରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ଗ୍ରାମକୁ ୨୮ ତାରିଖରୁ ଜୁଲାଇ ୫ ଯାଏ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

### ଆକ୍ରମଣ କରି ଲୁଟିନେଲେ ଚେନ୍

**କଣିହାଁ,୨୯।୬(ଡି.ଏନ.ଏ.):** ତାଳଚେର-ପାଲଲହଡା ମୁଖ୍ୟ ରାସ୍ତାର ସମଲ ଥାନା ଅଧୀନ ଶିଲିଂ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ସ୍ୱାମୀଙ୍କୁ ଆକ୍ରମଣ କରି ସ୍ତ୍ରୀଙ୍କ ବେକରୁ ସୁନାଚେନ ଲୁଟି ନିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ରେମୁଆଁର ଜିତେନ୍ଦ୍ର ପ୍ରଧାନଙ୍କ ଅଭିଯୋଗ ଆଧାରରେ ନମ୍ବର ୧୪୫/୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଆଇଆଇସି ଚାରୁଲତା ବେହେରା ସୂଚନା ଦେଇଛନ୍ତି। ଜିତେନ୍ଦ୍ର ସ୍ତ୍ରୀଙ୍କ ସହିତ ବାଇକ୍‌ରେ ଖମାର ଆଡକୁ ଯାଉଥିବା ବେଳେ ସିଲିଂ ନିକଟରେ ଏକ ନାଲି ରଙ୍ଗର ବାଇକରେ ତିନି ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ସ୍ତ୍ରୀଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିବା ଜିତେନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି।

### ସଙ୍ଗଠନ ଉପରେ ଆଲୋଚନା



**ଆଠମଲ୍ଲିକ,୨୯।୬(ଡି.ଏନ.ଏ.):** ଅନୁଗୋଳ ଜିଲା ପାଇଁ ବିଜେଡି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ପ୍ରଶାନ୍ତ ମୁଦୁଲିଙ୍କୁ ମଙ୍ଗଳବାର ଆଠମଲ୍ଲିକ ବିଜେଡି ନେତା ତଥା ରାଜ୍ୟ ବିଜେଡି ଛାତ୍ର ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ଡାଙ୍ଗ ଭେଟିଛନ୍ତି। ମୁଦୁଲିଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଏହି ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା। ସମ୍ପାଦକ ଡାଙ୍ଗ ପୁଷ୍ପଗୁଚ୍ଛ ଦେଇ ମୁଦୁଲିଙ୍କୁ ସ୍ୱାଗତ କରିବା ସହ ଦଳୀୟ ସଙ୍ଗଠନ ଉପରେ ଆଲୋଚନା କରିଥିବା ସୂଚନା ମିଳିଛି।

### ୮୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୯।୬:** ଅନୁଗୋଳ ଜିଲାରୁ ମଙ୍ଗଳବାର ୮୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୧୪, ବଅଁରପାଳ ବ୍ଲକରୁ ୧୨, ଅନୁଗୋଳ ବ୍ଲକରୁ ୧୧, ଆଠମଲ୍ଲିକ ବ୍ଲକରୁ ୧୦, ଛେଣ୍ଡିପଦା ବ୍ଲକରୁ ୧୦, ତାଳଚେର ପୌରାଞ୍ଚଳରୁ ୯, ପାଲଲହଡ଼ା ବ୍ଲକରୁ ୬, ଅନୁଗୋଳ ପୌରାଞ୍ଚଳରୁ ୫, କଣିହାଁ ବ୍ଲକରୁ ୫, କିଶୋରନଗର ବ୍ଲକରୁ ୪ ଓ ଆଠମଲ୍ଲିକ ଏନ୍‌ଏସିରୁ ୩ ଜଣ ରହିଛନ୍ତି। ସେହିପରି ଦିନକରେ ୧୩୦ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ମଙ୍ଗଳବାର ୩ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି।

# ଆଗ୍ରହ ବେଳେ ଅଭାବ

**ଅନୁଗୋଳ ଅଫିସ, ୨୯।୬**

- ଆଜିଠୁ ଅନୁଗୋଳ ଜିଲାରେ ଟିକାକରଣ ବନ୍ଦ
- ଭାକ୍ସିନ ଷ୍ଟୋର ଖାଲି ପଡ଼ିଥିବା କହିଲା ପ୍ରଶାସନ
- ରାଜ୍ୟ ସରକାର ଯୋଗାଇଦେଲେ ପୁଣି ଆରମ୍ଭ ହେବ

ମହାମାରୀ କରୋନାରୁ ସୁରକ୍ଷା ଦେଉଛି ସଞ୍ଜୀବନୀ। ତେଣୁ ନିଶ୍ଚିତ ଟିକା ଲଗାଇବାକୁ ସରକାରଙ୍କ ପକ୍ଷରୁ ବାରମ୍ବାର ସଚେତନ କରାଯାଉଛି। ଏପରି କି କେଉଁ ଟିକା କେତେ ପ୍ରତିଶତ ଆଣ୍ଟିବଡି ସୃଷ୍ଟି କରୁଛି ସେ ନେଇ ବିଶେଷଜ୍ଞମାନଙ୍କ ଦ୍ୱାରା ତଥ୍ୟ ସାର୍ବଜନୀନ କରାଯାଉଛି। ଏଥିସହ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଲୋକେ ଭୟଭୀତ ଥିବାରୁ କୋଭିଡ୍ କବଚ ଧାରଣ ପାଇଁ ସେମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି। ସେଥିପାଇଁ ବିଭିନ୍ନ ଟିକାକରଣ କେନ୍ଦ୍ରରେ ରାତିରୁ ଧାଡ଼ି ଲାଗୁଛି। ହେଲେ ଏପରି ସମୟରେ ଭାକ୍ସିନ ଅଭାବରୁ ବୁଧବାରଠାରୁ ଅନୁଗୋଳ ଜିଲାରେ ଟିକାକରଣ ବନ୍ଦ ରଖାଯିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

ଜାନୁୟାରୀ ୧୬ ତାରିଖରୁ ଅନୁଗୋଳ ଜିଲାରେ ଆରମ୍ଭ ହୋଇଥିଲା କୋଭିଡ୍ ଟିକାକରଣ କାର୍ଯ୍ୟ। ସେତେବେଳେ ମାତ୍ର କେତୋଟି ହାତଗଣତି ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଯୋଦ୍ଧାଙ୍କୁ ଟିକାଦାନ କରାଯାଉଥିଲା। ହେଲେ ଏ ନେଇ ଅନେକେ ଇଚ୍ଛା ପ୍ରକଟ କରୁ ନ ଥିବାରୁ ବାଧ୍ୟ ହୋଇ ସରକାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ପରେ ବୟସ୍କଙ୍କ ଟିକାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧିକ ଭାକ୍ସିନ ଯୋଗାଣ ହେବାରୁ ଅନୁଗୋଳ ଷ୍ଟାଡିୟମରେ ମେଗା ଟିକାକରଣର ଆୟୋଜନ ହୋଇଥିଲା। ତେବେ ଟିକା ନିୟମରେ ସଂଶୋଧନ ପରେ ୧୮ରୁ ୪୪ ବର୍ଷର ଯୁବବର୍ଗଙ୍କୁ ଏଥିରେ ସାମିଲ କରାଯାଇଥିଲା। ଏପରି କି ଟିକାଦାନ କାର୍ଯ୍ୟ ଜିଲାର ୪୦ଟି କେନ୍ଦ୍ରରେ ଜାରି ରହିଥିଲା। ବର୍ତ୍ତମାନ ସୁଦ୍ଧା ମାତ୍ର ୩ ଲକ୍ଷ ଲୋକଙ୍କ ଟିକାକରଣ କରାଯାଇଛି। ଏଥିରେ ସର୍ବାଧିକ ବୟସ୍କ ଓ କୋଭିଡ୍ ଯୋଦ୍ଧା ଥିବାବେଳେ ଅଧିକାଂଶଙ୍କ ଦ୍ୱିତୀୟ ଡୋଜ୍ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ୧୮ରୁ ୪୪ ବର୍ଷର ଯୁବବର୍ଗଙ୍କ ମଧ୍ୟରୁ ମାତ୍ର କେଇ ହଜାର ପ୍ରଥମ ଡୋଜ୍ ପାଇଛନ୍ତି। ତେଣୁ ଜିଲାରେ ଆହୁରି ୯ ଲକ୍ଷ ଲୋକ ସଞ୍ଜୀବନୀ ପାଇଁ ଅପେକ୍ଷା କରିଛନ୍ତି। ଯଦିଓ କିଛିଦିନ ହେଲା ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ତଳମୁହାଁ ହୋଇଛି, ତଥାପି ସମ୍ଭାବ୍ୟ ତୃତୀୟ ଲହରର ଭୟ ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣ ଦିଗରେ ଆଗ୍ରହୀ କରିଛି। ସେଥିପାଇଁ ଦୈନିକ ଟିକାଦାନ କେନ୍ଦ୍ରଗୁଡ଼ିକ ସମ୍ମୁଖରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ହେଲେ ଟିକା ଅଭାବରୁ ବୁଧବାରଠାରୁ ଜିଲାରେ ଟିକାକରଣ ହୋଇପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବହୁ ହଜାର ଲୋକଙ୍କ ଦ୍ୱିତୀୟ ଡୋଜ୍ ସମୟ ହୋଇଯାଇଥିବାବେଳେ ହଠାତ୍ ଟିକାକରଣ ବନ୍ଦ ରଖାଯିବା ଜିଲାବାସୀଙ୍କୁ ଚିନ୍ତାରେ ପକାଇଛି।



ଛେଣ୍ଡିପଦାର ଏକ ଟିକାକରଣ କେନ୍ଦ୍ରରେ ଆଧାର କାର୍ଡ ଧାଡ଼ିରେ ରଖାଯାଇଛି।

#### ଟିକା ଆସିଲେ ପ୍ରଦାନ କରାଯିବ



କେବଳ ଅନୁଗୋଳ ନୁହେଁ, ରାଜ୍ୟରେ ଟିକା ସଙ୍କଟ ଦେଖିବାକୁ ମିଳିଛି। ଜିଲାରେ ଯେତିକି ମହଜୁଦ ଥିଲା, ତାହା ଲୋକଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଅନୁଗୋଳ ପାଇଁ ଟିକା ପ୍ରଦାନ କଲେ ଟିକାକରଣ କାର୍ଯ୍ୟ ଜିଲାରେ ପୁଣି ଆରମ୍ଭ କରାଯିବ।

**-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ**

#### ଜିଲାବାସୀ ଚିନ୍ତାରେ ପଡ଼ିଛନ୍ତି



ମହାମାରୀର ତୃତୀୟ ଲହର ପୂର୍ବରୁ ଟିକା ନେବାକୁ ଜିଲାବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି। ହେଲେ ଏପରି ସମୟରେ ଟିକା ଅଭାବରୁ ଟିକାକରଣ ବନ୍ଦ ରଖାଯିବା ଲୋକଙ୍କୁ ଚିନ୍ତାରେ ପକାଇଛି। ସରକାର ଅନୁଗୋଳ ଜିଲା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।

**-ଜ୍ୟୋତିର୍ମୟୀ ସାହୁ, ଅଧକ୍ଷ, ପ୍ରଗତି ଅନୁଷ୍ଠାନ, ତାଳଚେର**

#### ଠିକ୍ ସମୟରେ ଡୋଜ୍ ଲଗାଯାଉ



ବିଭିନ୍ନ କେନ୍ଦ୍ରରେ ଟିକା ନେବାକୁ ଦୂରଦୂରାନ୍ତରୁ ବହୁ ଲୋକ ଆସୁଛନ୍ତି। ଏପରି କି ଅନେକ ସ୍ଥାନରେ ଏଥିପାଇଁ ରାତିରୁ ଆଧାର କାର୍ଡକୁ ଧାଡ଼ି ଲଗାଯାଉଛି। ଏଥିରୁ ଟିକା ନେବାକୁ ଲୋକଙ୍କ ଆଗ୍ରହ ବୁଝାପଡୁଛି। ତେଣୁ ଠିକ୍ ସମୟରେ ଦ୍ୱିତୀୟ ଡୋଜ୍ ସହ ଯୁବବର୍ଗଙ୍କୁ ପ୍ରଥମ ଡୋଜ୍ ଦିଆଯାଉ।

**-ରାଜା ଶର୍ମା, ବଉଣ୍ଡା**

#### ଲୋକେ ରାସ୍ତାକୁ ଓହ୍ଲାଇବେ



ମହାମାରୀ ଯୋଗୁ କେତେ ଲୋକଙ୍କ ଜୀବନ ଚାଲିଗଲାଣି। ଆଗକୁ ତୃତୀୟ ଲହର ଆସୁଥିବାରୁ ଭୟ ବଢୁଛି। ସେଥିପାଇଁ ଟିକା ନେବାକୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଲମ୍ବା ଧାଡ଼ି ଲାଗୁଛି। ଯଦି ସରକାର ଟିକାକରଣକୁ ପୁନଃ ଜୋରଦାର ନ କରନ୍ତି, ତା'ହେଲେ ଲୋକେ ରାସ୍ତାକୁ ଓହ୍ଲାଇବାରେ ବିଳମ୍ବ କରିବେ ନାହିଁ।

**-ସୁଷମା ପ୍ରଧାନ, ଠେଲକନାଳୀ**

#### ଅନୁଗୋଳକୁ ଗୁରୁତ୍ୱ ଦିଆଯାଉ



ଅନୁଗୋଳ ଜିଲା ଶିଳ୍ପ ବହୁଳ। ଦୈନିକ ଏଠାକୁ ରାଜ୍ୟ ବାହାରୁ ଲୋକେ ଯାତାୟାତ କରୁଛନ୍ତି। ତେଣୁ ଜିଲାରେ ସଂକ୍ରମଣ ସଂଖ୍ୟା ଅଧିକ ରହୁଛି। ଏହାକୁ ଗୁରୁତ୍ୱ ଦେଇ ସରକାର ଅଧିକ ଟିକାକରଣ କରିବାର ଆବଶ୍ୟକତା ରହିଛି। ଟିକା ସଙ୍କଟ ଦୂର କରିବା ଦିଗରେ ଗୁରୁତ୍ୱ ଦିଆଯାଉ।

**-ଶୋଭନ ମିଶ୍ର, ତାଳଚେର**

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ଢେଙ୍କାନାଳ ଅଫିସ, ୨୯।୬**

ଢେଙ୍କାନାଳ ସହରସ୍ଥିତ ଷ୍ଟେଶନ ବଜାର ଅଞ୍ଚଳର ଏକ ଭଡ଼ାଘରୁ ଜଣେ ମହିଳାଙ୍କ ମୃତଦେହ ମଙ୍ଗଳବାର ଜବତ କରାଯାଇଛି। ସେ ହେଲେ ସଞ୍ଜୁବାଳା ସାହୁ। ତେବେ ଯୌତୁକ ପାଇଁ ଝିଅଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ମୃତ ମହିଳାଙ୍କ ବାପଘର ତରଫରୁ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସଞ୍ଜୁବାଳାଙ୍କ ସ୍ୱାମୀ, ଶାଶୁ ଏବଂ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଡୁମୁସିଙ୍ଗା ଥାନା ତୋଟାବାହାଳି ଗ୍ରାମର ସୁରେନ୍ଦ୍ର ସାହୁ ୧୧ ମାସ ତଳେ କାମାକ୍ଷାନଗର ଉପଖଣ୍ଡ ଗାଙ୍ଗିଯୋଡ଼ି ଗ୍ରାମର ସଞ୍ଜୁବାଳାଙ୍କୁ ବିବାହ କରିଥିଲେ। ସୁରେନ୍ଦ୍ର କଟକର ଏକ ଦୋକାନରେ ଟେକ୍ନିସିଆନ ଅଛନ୍ତି। ସେ ସପରିବାର ଢେଙ୍କାନାଳ ଷ୍ଟେଶନ ବଜାରରେ ଏକ ଭଡ଼ା ଘରେ ରହୁଥିଲେ। ଗତ ସୋମବାର ସଞ୍ଜୁବାଳା ଘରକୁ ଫୋନ୍ କରିଥିଲେ। ଶାଶୁଘର ଲୋକେ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦେଉଥିବା ଜଣାଇଥିଲେ। ବିଳମ୍ବିତ ରାତିରେ ସଞ୍ଜୁବାଳାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ପାଇ ମା' ସୀତା ସାହୁ ଏବଂ ଭାଇ ବସନ୍ତ ସାହୁ ପହଞ୍ଚିଥିଲେ। ସେତେବେଳକୁ ସଞ୍ଜୁବାଳାଙ୍କ ମୃତ୍ୟୁ ହୋଇସାରିଥିବା ଡାକ୍ତର ଘୋଷଣା କରିଥିଲେ। ଯୌତୁକ ପାଇଁ ସଞ୍ଜୁବାଳାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ଓ ଭାଇ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୫୯/୨୧ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।

## ଫ୍ଲାଏ ଓଭର ନିର୍ମାଣ ଦାବି ତେଜିଲା

**କାମାକ୍ଷାନଗର, ୨୯।୫(ଡି.ଏନ୍.ଏ.)**

- ଏନ୍‌ଏଚ୍ କାମ ବନ୍ଦ କଲେ ଗ୍ରାମବାସୀ
- ସ୍ଥାୟୀ ସମାଧାନ ପାଇଁ ଦାବି କଲେ

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଇସିଙ୍ଗା ଗ୍ରାମ ଦେଇ ଯାଉଥିବା ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟଲାଗି ଗ୍ରାମବାସୀ ଉଭୟ ପାର୍ଶ୍ୱକୁ ଯାତାୟାତ କରିବାରେ ଅସୁବିଧା ଭୋଗୁଛନ୍ତି। ରାଜପଥ ନିର୍ମାଣ ପରେ ଏହି ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିବ। ତେଣୁ ତୁରନ୍ତ ଏକ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ କରିବାକୁ ଦାବି କରି ଅଞ୍ଚଳବାସୀ ମଙ୍ଗଳବାର ରାସ୍ତାକାର୍ଯ୍ୟ ବନ୍ଦ କରିଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ଗ୍ରାମ ମଝିରେ ଏନ୍‌ଏଚ୍ ଯାଉଥିବାରୁ ଏଭଳି ସମସ୍ୟା ଉପୁଜିବା ଆଶଙ୍କା କରି ବହୁ ପୂର୍ବରୁ ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଏକାଧିକ ଥର ଆନ୍ଦୋଳନ କରିଥିଲେ। ବାରମ୍ବାର ପ୍ରତିଶ୍ରୁତି ମିଳୁଥିଲେ ବି ସୁଫଳ ମିଳୁନାହିଁ। ଠିକାଦାର ରାତିଅଧିଆ କାମ କାମ କରୁଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଅପରାହ୍ନରେ ଗ୍ରାମବାସୀ ବାଇସିଙ୍ଗା ଛକରେ ରାସ୍ତାରୋକୋ କରିଥିଲେ। ପ୍ରଶାସନ ଏହାର ସ୍ଥାୟୀ ସମାଧାନ ନ କରିବା ଯାଏ ରାସ୍ତା କାମ ବନ୍ଦ ରହିବ। ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲ ସେମାନେ ଚେତାବନୀ ଦେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିଲା।



ଗ୍ରାମବାସୀ ଆନ୍ଦୋଳନ ଚଳାଇଛନ୍ତି।

## ୪ ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ

**କଣିହାଁ,୨୯।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ରେଙ୍ଗାଳି ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ମଙ୍ଗଳବାର ବିଦ୍ୟୁତ୍ ଉତ୍ପାଦନ ପୁଣି ଆରମ୍ଭ ହୋଇଛି। ତେବେ ଭାକ୍ୟୁମ ବ୍ରେକର୍ ଭାଲ୍‌ବ ଅଚଳ ହୋଇଥିବା ୪ନଂ. ୟୁନିଟ୍‌ର ମରାମତି ଜାରି ରହିଥିବାବେଳେ ଅନ୍ୟ ୪ଟି ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ପ୍ରକାଶ ଯେ, ଗତ ୨୬ ତାରିଖ ମଧ୍ୟାହ୍ନରେ ୪ନଂ. ୟୁନିଟ୍ ଭାକ୍ୟୁମ ବ୍ରେକର୍ ଭାଲ୍‌ବ ଅଚଳ ହୋଇପଡ଼ିଥିଲା। ଫଳରେ ସୁରକ୍ଷା ଦୃଷ୍ଟିରୁ ପ୍ରକଳ୍ପର ସମସ୍ତ ୫ଟି ୟୁନିଟ୍‌କୁ ବନ୍ଦ ରଖାଯାଇଥିଲା। ଏଥିଯୋଗୁ ଦୈନିକ ୨୫୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଥିବା ଏହି ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ଠପ୍ ହୋଇଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ଭାଲ୍‌ବ ମରାମତି କରିବାକୁ ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ପରେ ଭାଲ୍‌ବ ଖୋଲାଯାଇ ଅନ୍ୟ ଏକ ଲୁହା ପ୍ଲେଟରେ ଉକ୍ତ ସ୍ଥାନକୁ ଆବଦ୍ଧ କରାଯାଇଥିଲା। ପରେ ପମ୍ପ ମାଧ୍ୟମରେ ଟର୍ବାଇନ ମଧ୍ୟରୁ ପାଣି ବାହାର କରାଯାଇଥିଲା। ଅପରାହ୍ନ ୫ଟା ୪୨ ମିନିଟରେ ପ୍ରଥମ ୟୁନିଟ ଓ ସନ୍ଧ୍ୟା ୬ଟା ୪୫ ସୁଦ୍ଧା ଅନ୍ୟ ୩ଟି ୟୁନିଟ୍‌କୁ କାର୍ଯ୍ୟକ୍ଷମ କରାଯାଇଥିଲା। ଅଚଳ ରହିଥିବା ୪ନଂ ୟୁନିଟ୍‌କୁ ଅତିଶୀଘ୍ର ମରାମତି କରି କାର୍ଯ୍ୟକ୍ଷମ କରାଯିବ ବୋଲି ବରିଷ୍ଠ ସାଧାରଣ ପରିଚାଳକ ସୁବାସ ପାତ୍ର ପ୍ରକାଶ କରିଛନ୍ତି।

## ଟିଏଫ୍‌ଏଲ୍ ସୁରକ୍ଷା ଦାୟିତ୍ୱ ହସ୍ତାନ୍ତର

**ତାଳଚେର,୨୯।୬(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରଠାରେ ଥିବା ତାଳଚେର ଫର୍ଟିଲାଇଜର ଲିମିଟେଡ (ଟିଏଫ୍‌ଏଲ୍)ର ସୁରକ୍ଷା ଦାୟିତ୍ୱ ମଙ୍ଗଳବାର ସିଆଇଏସ୍‌ଏଫ୍‌କୁ ହସ୍ତାନ୍ତର କରାଯାଇଛି। ଟିଏଫ୍‌ଏଲ୍‌ର ବିକ୍ରମପୁର ଅତିଥି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ପରିଚାଳନା ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଯାଦବ ଆନୁଷ୍ଠାନିକ ଭାବେ ପ୍ଲାଣ୍ଟର ସୁରକ୍ଷା ଦାୟିତ୍ୱ ସିଆଇଏସ୍‌ଏଫ୍ ଡିଆଇଜି ମାନୁନ ରସିଦଙ୍କୁ ଅର୍ପଣ କରିଥିଲେ। ଏଥିରେ ଟିଏଫ୍‌ଏଲ୍ ସଞ୍ଚାଳକ ନିର୍ଦ୍ଦେଶକ ସଞ୍ଜୟ ଆରୋରା, ନିର୍ଦ୍ଦେଶକ ଅର୍ଥ ବିଭାଗ ଅଭିଜିତ ଗୋସ୍ୱାମୀ, ମହାପ୍ରବନ୍ଧକ ପଞ୍ଚାନନ ହଳଧର, ବଳବନ୍ତ ଗୋସେଇଁ, ହେଭିୱାଟର ପ୍ରୋଜେକ୍ଟ ମହାପ୍ରବନ୍ଧକ ମହେନ୍ଦ୍ର ଗିରି, ସିଆଇଏସ୍‌ଏଫ୍ ସିନିୟର କମାଣ୍ଡାଣ୍ଟ ବି. ସୁନ୍ଦରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରିଚାଳନା ନିର୍ଦ୍ଦେଶକ ଓ ଅର୍ଥ ନିର୍ଦ୍ଦେଶକ ପ୍ରକଳ୍ପ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ପାଇଁ ସମସ୍ତ ଆର୍ଥିକ, ପ୍ରଶାସନିକ ଅନୁମୋଦନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ମିଳି ସାରିଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲୁ ରହିବ ବୋଲି ଟିଏଫ୍‌ଏଲ୍ ପକ୍ଷରୁ ପ୍ରେସ୍ ଇସ୍ତାହାରେ କୁହାଯାଇଛି।



ଟିଏଫ୍‌ଏଲ୍ ସୁରକ୍ଷା ଦାୟିତ୍ୱ ସିଆଇଏସ୍‌ଏଫ୍‌କୁ ହସ୍ତାନ୍ତର କରାଯାଉଛି।

## ଜବରଦଖଲ ହଟାଇବାକୁ ପଦକ୍ଷେପ

**ଅନୁଗୋଳ ଅଫିସ, ୨୯।୬**

- ଭାଙ୍ଗିଲା ଅନୁଗୋଳ ପୌରପାଳିକା ନିଦ
- ବେଆଇନ ସମ୍ପ୍ରସାରଣ କରିଥିବା ବ୍ୟବସାୟୀ ଛାନିଆ
- ଗାଡ଼ିରେ ବୋଝେଇ କରି ନେଇଗଲେ ସାମଗ୍ରୀ

ଅନୁଗୋଳ ପୌରାଞ୍ଚଳରେ ଥିବା ୨ ହଜାରରୁ ଅଧିକ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟରୁ ବହୁ ଦୋକାନ ଗୃହର ବେଆଇନ ସମ୍ପ୍ରସାରଣ କରାଯାଇଥିଲା। ଏପରି କି ପୌରପାଳିକାର ୭୩୩ଟି ଦୋକାନ ଗୃହ ନେଇଥିବା ବ୍ୟବସାୟୀମାନଙ୍କ ମଧ୍ୟରୁ ୩ଶହରୁ ଅଧିକ ଜଣ ମନଇଚ୍ଛା ଜାଗା ମାଡ଼ିବସିଥିଲେ। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦିଗରେ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଏ ନେଇ ମଙ୍ଗଳବାର 'ଧରିତ୍ରୀ'ରେ ସ୍ୱତନ୍ତ୍ର ଷ୍ଟୋରୀ ପ୍ରକାଶ ପରେ ଅନୁଗୋଳ ପୌର କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଛି। ଜବରଦଖଲ ସ୍ଥାନ ତୁରନ୍ତ ଖାଲି କରିବାକୁ ମଙ୍ଗଳବାର ପୌରପାଳିକା ପକ୍ଷରୁ ସହରରେ ପ୍ରଚାର କରାଯାଇଛି। ଫଳରେ ବେଆଇନ ଭାବେ ସମ୍ପ୍ରସାରଣ କରିଥିବା ବ୍ୟବସାୟୀମାନେ ଛାନିଆ ହୋଇପଡ଼ିବା ସହ ଦୋକାନରୁ ବିଭିନ୍ନ ସାମଗ୍ରୀ ଗାଡ଼ିରେ ବୋହି ନେଉଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ପୌରପାଳିକାର ଏପରି ଅବହେଳା ପାଇଁ ଅନୁଗୋଳ ବଜାର ରାସ୍ତାରେ ଜବରଦଖଲ ବଢୁଛି। ଅନେକ ଦୋକାନୀ ଡ୍ରେନ୍ ଉପରକୁ ଦୋକାନ ବଢ଼ାଇଥିବା ବେଳେ ଆଉ କିଏ ରାସ୍ତା ଯାଏ ମାଡ଼ି ଆସିଛନ୍ତି। ତେଣୁ ବଜାର ରାସ୍ତା ସଂକୀର୍ଣ୍ଣ ହୋଇପଡୁଥିବାରୁ ଟ୍ରାଫିକ ଜାମ୍ ଯୋଗୁ ଅନେକ ସମୟରେ ଆମ୍ବୁଲାନ୍ସ ଅଟକି ରହୁଛି। ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଘରେ ପଶୁଛି। ଏ ନେଇ ଖବର ପ୍ରକାଶ ପରେ ପୌରପାଳିକା ପକ୍ଷରୁ ଜବରଦଖଲ ହଟାଇବାକୁ ତତ୍ପରତା ପ୍ରକାଶ ପାଇଛି। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଜବରଦଖଲରେ ଥିବା ବ୍ୟବସାୟୀଙ୍କୁ ସ୍ଥାନ ଖାଲି କରିବାକୁ କୁହାଯାଇଛି। ନଚେତ୍ ଗୁରୁବାର ଉଚ୍ଛେଦ କରାଯିବ। ଯଦି କେହି ବିରୋଧ କରନ୍ତି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଜବରଦଖଲ ସ୍ଥାନରୁ ଦୋକାନୀମାନେ ସାମଗ୍ରୀ ସ୍ଥାନାନ୍ତର କରୁଛନ୍ତି।


## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିଳ୍ପସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| ଚାରା ବିକ୍ରୟ କେନ୍ଦ୍ରର ନାମ | | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମକୁମ, ସୁନାରୀ, ପିଜୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମକୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଜୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଜୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଡେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡା, କୃଷ୍ଣଚୂଡା, ଆତ, ପିଜୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଜୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଜୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଜୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଜୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେରୁଲାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡା, ଆମ୍ବ, ସିମାରୁବା, ଅର୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଜୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଳା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡା, ପଣସ, ପିଜୁଳି, ରାଧାଚୂଡା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାର୍ସୁଆଁ ନର୍ସରୀ | ଅଁଳା, ଅର୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ୍, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ।**

**Control Room No.7077046175 & 6370953774**

**ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼**

